# NATIONAL NEWS BULLETIN (ODIA)
## 9 September - 2026
## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ କେତେକ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଆଜି କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦିତ ।

– ଖଡ଼୍‌ଗପୁର-ଝାରସୁଗୁଡ଼ା ଚତୁର୍ଥ ଲାଇନ୍ ସମ୍ପନ୍ନ କାର୍ଯ୍ୟକୁ ମଞ୍ଜୁରୀ ।

- ଗୁଜରାଟର ସୁରଟରୁ ଭାପି ପର୍ଯ୍ୟନ୍ତ ବୁଲେଟ୍ ଟ୍ରେନ୍ ସେବା ଆସନ୍ତା ବର୍ଷ ଠାରୁ ହେବ କାର୍ଯ୍ୟକ୍ଷମ, କହିଲେ ରେଳମନ୍ତ୍ରୀ ।

- ଭାରତ ଓ ଶ୍ରୀଲଙ୍କା ସଭ୍ୟତାଗତ ଉତ୍ତମ ପଡ଼ୋଶୀ ହୋଇଥିବା ଦୃଷ୍ଟିରୁ ଦେଶବାସୀଙ୍କ ବିକାଶ ଲାଗି ମିଳିତ ପ୍ରଚେଷ୍ଟା କରିବାକୁ ଦୋହରାଇଲେ ପ୍ରତିବଦ୍ଧତା ।

ଏବଂ

- ବିଶ୍ୱ ପାରା ତୀରନ୍ଦାଜ ପ୍ରତିଯୋଗିତାର ଆଜି ଅନ୍ତିମ ଦିବସରେ ଦୁଇଟି ସ୍ୱର୍ଣ୍ଣ ଓ ୪ଟି ବ୍ରୋଞ୍ଜ ପଦକ ହାସଲ କଲା ଭାରତ ।

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ତିନୋଟି ମଲ୍ଟିଟ୍ରାକିଙ୍ଗ୍ ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ବୈଠକ ପରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ତିନୋଟି ପ୍ରକଳ୍ପ ଲାଗି ୧୦ ହଜାର ୭୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମଧ୍ୟପ୍ରଦେଶର ୧୪ଟି ଜିଲ୍ଲାକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ଭାରତୀୟ ରେଳବାଇର ନେଟ୍‌ୱର୍କ ପ୍ରାୟ ୬୫୬ କିଲୋମିଟର ବୃଦ୍ଧି ପାଇବ ବୋଲି ରେଳମନ୍ତ୍ରୀ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପ ଅଧୀନରେ ଖଡ଼ଗପୁରରୁ ଝାରସୁଗୁଡ଼ା ଏବଂ କଟନିରୁ ପେଣ୍ଡ୍ରା ରୋଡ୍ ମଧ୍ୟରେ ଚତୁର୍ଥ ଲାଇନ୍, ବିଳାଶପୁରରୁ ପେଣ୍ଡ୍ରା ରୋଡ୍ ତୃତୀୟ ଲାଇନ୍ ଅନ୍ତର୍ଭୁକ୍ତ । ରେଳ ଲାଇନ୍ କ୍ଷମତା ବୃଦ୍ଧି କରିବା ଦ୍ୱାରା ରେଳ ଗମନାଗମନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରିବ । ଫଳରେ ଭାରତୀୟ ରେଳବାଇ ନିଜର କାର୍ଯ୍ୟଦକ୍ଷତା ଏବଂ ସେବା ଯୋଗାଣ ପ୍ରକ୍ରିୟାକୁ ଅଧିକ ସୁସଂହତ କରିପାରିବ ବୋଲି ସେ କହିଛନ୍ତି । ଖଡ଼ପୁରରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ

ନିର୍ମାଣ ହେବାକୁ ଥିବା ଚତୁର୍ଥ ଲାଇନ୍ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି –

**V/O-1-VAISHNAW-KHARAGPUR-TO-ODISHA**

ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଆଜି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତେଲଙ୍ଗାନାର ୧୭ଟି ଜିଲ୍ଲା ଦେଇ ଗତି କରୁଥିବା ଅନ୍ୟ ୫ଟି ମଲ୍ଟିଟ୍ରାକିଙ୍ଗ୍ ରେଳ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଭାରତୀୟ ରେଳବାଇ ନେଟ୍‌ୱର୍କରେ ଅଧିକ ୫୪୦ କିଲୋମିଟର ସଂଯୋଗ ହୋଇପାରିବ । ୨୦୨୯-୩୦ ବର୍ଷ ସୁଦ୍ଧା ଶେଷ ହେବାକୁ ଥିବା ଏହି ପ୍ରକଳ୍ପ ଲାଗି ୧୦ ହଜାର ୨୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ରେଳମନ୍ତ୍ରୀ କହିଛନ୍ତି । ଏହି ପ୍ରକଳ୍ପ ମଧ୍ୟରେ ଆରାକୋନାମ୍‌ରୁ ରେନିଗୁଣ୍ଟା ଏବଂ ହ୍ୱାଇଟ୍ ଫିଲ୍ଡରୁ ବାଙ୍ଗାରାପେଟ୍ ପର୍ଯ୍ୟନ୍ତ ତୃତୀୟ ଓ ଚତୁର୍ଥ ଲାଇନ୍ ସମେତ ହୋସୁର୍‌ରୁ ଓମାଲୁର୍ ଲାଇନ୍ ଦୋହରିକରଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରେଳ ସଂଯୋଗୀକରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହିତ ପ୍ରାୟ ୨ହଜାର ଏକ ଶହ ଗ୍ରାମର ୫୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ରେଳ ମନ୍ତ୍ରୀ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ର ଆଜି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସମସ୍ତ ୭ଟି ଯାକ  ହାଇଡେନ୍‌ସିଟି ରେଳ

କରିଡ଼ରକୁ ୪ ଲାଇନ୍ କରାଯିବ । ଏହି ରେଳପଥଗୁଡ଼ିକ ହେଲା ଦିଲ୍ଲୀରୁ ହାଓଡ଼ା, ମୁମ୍ବାଇରୁ ହାଓଡ଼ା, ଦିଲ୍ଲୀରୁ ମୁମ୍ବାଇ, ଦିଲ୍ଲୀରୁ ଗୌହାଟୀ, ଦିଲ୍ଲୀରୁ ଚେନ୍ନାଇ, ହାଓଡ଼ାରୁ ଚେନ୍ନାଇ ଏବଂ ମୁମ୍ବାଇରୁ ଚେନ୍ନାଇ ରୁଟ୍ । ଏହି ରେଳପଥରେ ଭାରତୀୟ ରେଳବାଇ ନେଟ୍ୱର୍କର ୧୧ ହଜାର କିଲୋମିଟର ରହିଛି । ସେଥି ମଧ୍ୟରୁ ୨ହଜାର କିଲୋମିଟରକୁ ୪ ଲେନ୍ ବିଶିଷ୍ଟ କରାଯାଇସାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O2-ASHWINI-VAISHNAV**

ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଆସନ୍ତା ବର୍ଷ ଏହି ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ କରାଯିବ । ସମ୍ପୃକ୍ତ କରିଡ଼ର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ପ୍ରାଥମିକ ଭାବେ ସୁରଟରୁ ଭାପି ପର୍ଯ୍ୟନ୍ତ ୧୦୦ କିଲୋମିଟର ସେକ୍ସନ୍‌କୁ ଏଥିଲାଗି ଉନ୍ମୁକ୍ତ କରାଯିବ ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

# ରାଜନାଥ-ଶ୍ରୀଲଙ୍କା ପ୍ରେସ୍

ଭାରତ ଓ ଶ୍ରୀଲଙ୍କା ସଭ୍ୟତାଗତ ଉତ୍ତମ ପଡ଼ୋଶୀ ଏବଂ ସାମୁଦ୍ରିକ ଭାଗିଦାରୀ ହୋଇଥିବା ଦୃଷ୍ଟିରୁ ଦେଶବାସୀଙ୍କର ବିକାଶ ଓ କଲ୍ୟାଣ ଦିଗରେ ମିଳିତ ପ୍ରଚେଷ୍ଟା କରିବାକୁ ନିଜର ପ୍ରତିଶ୍ରୁତିବଦ୍ଧତା ଜାହିର

କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କର ତିନିଦିନିଆ ଶ୍ରୀଲଙ୍କା ଗସ୍ତ ଅବସରରେ ଆଜି କଲମ୍ବୋଠାରେ ରାଷ୍ଟ୍ରପତି ଅନୁରା କୁମାର ଦିଶା ନାଏକେଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା କରିବା ସମୟରେ ଏହି ମତ ପ୍ରକାଶ ପାଇଛି ।

ଉଭୟ ଦେଶ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ସହିତ ସମୃଦ୍ଧି ଦିଗରେ ଏକତ୍ର ହୋଇ କାର୍ଯ୍ୟ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି । ଏହି ଅବସରରେ ଶ୍ରୀ ଦିଶା ନାଏକେ କହିଛନ୍ତି, ଭାରତର ସୁରକ୍ଷା ସ୍ୱାର୍ଥକୁ ବିପଦ ସୃଷ୍ଟି କରୁଥିବା କୌଣସି ପ୍ରକାର ବେଆଇନ୍ କାର୍ଯ୍ୟକୁ ଶ୍ରୀଲଙ୍କା ଭୂପୃଷ୍ଠରେ କାର୍ଯ୍ୟକାରୀ କରିବା ଲାଗି ଅନୁମତି ଦିଆଯିବ ନାହିଁ । ସାମୁଦ୍ରିକ ଝଡ଼ ଦିତୱା ସମୟରେ ଭାରତ ଅପରେସନ୍ ସାଗର ବନ୍ଧୁର ଅଂଶସ୍ୱରୂପ ଶ୍ରୀଲଙ୍କାକୁ ରିଲିଫ୍ ସହାୟତା ଯୋଗାଇ ଦେଇଥିବାରୁ ରାଷ୍ଟ୍ରପତି ଦିଶା ନାଏକେ କୃତଜ୍ଞତା ଜଣାଇଛନ୍ତି । ଶ୍ରୀଲଙ୍କାର ଏକ ଉତ୍ତମ ବନ୍ଧୁ ତଥା ପଡ଼ୋଶୀ ହୋଇଥିବା ଦୃଷ୍ଟିରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ଭାରତ ନିଜର ଦାୟିତ୍ୱ ମନେ କରେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ଏହି ଅବସରରେ ଦୁଇଦେଶ ମଧ୍ୟରେ କେତେକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ବିଶେଷ କରି ଶ୍ରୀଲଙ୍କା ବାୟୁ ସେନା ଲାଗି ଏଲ୍-୭୦ ବନ୍ଧୁକର ଆଧୁନିକୀକରଣ ଏବଂ ଦୁଇ ଦେଶର ଜାତୀୟ ସମର ଶିକ୍ଷାର୍ଥି

ବାହିନୀ ଓ ଜାତୀୟ ପ୍ରତିରକ୍ଷା ମହାବିଦ୍ୟାଳୟ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଉଭୟ ନେତା ଭର୍ଚୁଆଲ୍ ମାଧ୍ୟମରେ ଭାରତୀୟ ପ୍ରତିରକ୍ଷା ବାହିନୀ ଦ୍ୱାରା ନିର୍ମିତ ତିନୋଟି ବେଲେ ବ୍ରିଜ୍‌ର ଉଦ୍‌ଘାଟନ କରିଛନ୍ତି ।

ଏହି ଆଲୋଚନା ସମୟରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଶ୍ରୀଲଙ୍କା ରାଷ୍ଟ୍ରପତି ଶ୍ରୀ ଦିଶା ନାଏକେଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ମାଣ୍ଡବ୍ୟ-ବିଓସିଡବ୍ଲ୍ୟୁ

ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏବଂ ମହାରାଷ୍ଟ୍ର ସରକାରଙ୍କ ମିଳିତ ସହଯୋଗରେ ଆସନ୍ତା ୧୧ ତାରିଖ ଦିନ ମୁମ୍ବାଇଠାରେ ଅଟ୍ଟାଳିକା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କର ଏକ ଜାତୀୟ ସମ୍ମିଳନୀ ଆରମ୍ଭ ହେବ । ଏହି ଦୁଇ ଦିନିଆ ସମ୍ମିଳନୀରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଅଧ୍ୟକ୍ଷତା କରିବେ । ସମ୍ପୃକ୍ତ ଶ୍ରମିକମାନଙ୍କର ଢାଞ୍ଚାଗତ କାର୍ଯ୍ୟ ଶୈଳୀ ଏବଂ କଲ୍ୟାଣ ବୋର୍ଡ଼କୁ ଅଧିକ ସଶକ୍ତ କରିବା ଦିଗରେ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ସାବ୍ୟସ୍ତ ହେବ ବୋଲି ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ କହିଛି । ଗତବର୍ଷ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଜାତୀୟ ଶ୍ରମ ସମ୍ମିଳନୀ ଅବସରରେ ଶୁଭାରମ୍ଭ

ହୋଇଥିବା ତିନୋଟି ପ୍ରମୁଖ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯିବ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କର ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଆଦି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-ୱାର୍ଲ୍ଡ ସ୍କିଲ୍ସ

ଚୀନ୍‌ର ସାଂଘାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ୪୮ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ପ୍ରଥମଥର ଲାଗି ୧୧ଟି ନୂତନ ବର୍ଗରେ ଭାରତ ଭାଗ ନେବ । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୬୪ଟି ବର୍ଗରୁ ୬୩ଟିରେ ଭାରତ ଅଂଶଗ୍ରହଣ କରିବ । ଭାରତୀୟ ଦଳରେ ମୋଟ୍ ୬୦ ଜଣ ପ୍ରତିଯୋଗୀଙ୍କୁ ସାମିଲ କରାଯାଇଛି ।

## ଗୁଜରାଟ-ଆସେମ୍ବ୍ଲି

ଗୁଜରାଟ ବିଧାନସଭାର ତିନି ଦିନିଆ ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅଧିବେଶନରେ ମୁଖ୍ୟତଃ ବସ୍ତୁ ଓ

ସେବାକର ସଂଶୋଧନ, ସହଜରେ ବ୍ୟବସାୟ କରିବା ପ୍ରକ୍ରିୟା, ଉଚ୍ଚ ମାଧ୍ୟମିକ ଶିକ୍ଷା, ଜମି ଟିକସ, ପଶୁ ସମ୍ପଦ ଅଧିନିୟମ ସମ୍ପର୍କିତ ପ୍ରମୁଖ ବିଲ୍ ଗୃହରେ ଉପସ୍ଥାପନ କରାଯିବାର କାର୍ଯ୍ୟସୂଚୀ ରହିଛି ।

## ପାରା ଆର୍ଚେରୀ

ଅହମ୍ମଦାବାଦରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜ୍ ପ୍ରତିଯୋଗିତାର ଆଜି ଅନ୍ତିମ ଦିବସରେ ଭାରତ ଦୁଇଟି ସ୍ୱର୍ଣ୍ଣ ଏବଂ ୪ଟି ବ୍ରୋଞ୍ଜ ପଦକ ହାସଲ କରିଛି । ମହିଳା ବର୍ଗରେ ସୀତଲ ଦେବୀ ବ୍ୟକ୍ତିଗତ ଭାବେ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ହରବୀନ୍ଦର ଓ ଭାବନାଙ୍କ ଯୋଡ଼ି ମିକ୍ସଡ୍ ବର୍ଗରେ ଅନ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

## ୟୁଏସ୍ ଓପନ୍

ୟୁଏସ୍ ଓପନ୍ ଟେନିସ୍‌ର ପୁରୁଷ ସିଙ୍ଗଲ୍ସ ବର୍ଗର ସେମିଫାଇନାଲ୍ ପର୍ଯ୍ୟାୟରେ ଆମେରିକାର ବେନ୍ ସେଲଟନ୍ ଏବଂ ଫ୍ରାନ୍‌ସେସ୍ ଟାଏଫୋ ପ୍ରବେଶ କରିଛନ୍ତି । ଆଜି ନ୍ୟୁୟର୍କ ଠାରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ସେଲଟନ୍ ପୂର୍ବବର୍ଷର ଚାମ୍ପିୟାନ୍ କାର୍ଲସ୍ ଆଲ୍‌କାରାଜଙ୍କୁ ୬-୭, ୬-୧, ୬-୩, ୧-୬, ୭-୬ ସେଟ୍‌ରେ ପରାସ୍ତ କରିଛନ୍ତି ।

ସେହିଭଳି ଟାଏଫୋ ଏହି ପର୍ଯ୍ୟାୟରେ ଗତକାଲି  ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଆଲେକ୍ସ ମିକଲ୍‌ସେନ୍‌ଙ୍କୁ ପରାସ୍ତ କରିଛନ୍ତି । ଆଜି ରାତିରେ ଅନୁଷ୍ଠିତ ହେବାକୁ ଥିବା କ୍ୱାର୍ଟର ଫାଇନାଲ୍‌ରେ ବେଲ୍‌ଜିୟମ୍‌ର ଆଲେକ୍‌ଜାଣ୍ଡାର ବ୍ଲକ୍ସ ଓ ରୁଷର କାରେନ୍ କାଚାନୋଭ୍‌ଙ୍କ ମଧ୍ୟରେ ମୁକାବିଲା ହେବ । ସେହିଭଳି ଆସନ୍ତାକାଲି ସକାଳେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଜର୍ମାନର ଆଲେକ୍‌ଜାଣ୍ଡାର ଭେରେବ୍’ ଡଚ୍‌ର ବୋଟିକ୍ ଭାଣ୍ଡେଙ୍କୁ ଭେଟିବେ ।

ମହିଳା ସିଙ୍ଗଲ୍ସ ବର୍ଗରେ ପୂର୍ବବର୍ଷର ଚାମ୍ପିୟାନ୍ ଆରିୟନ୍ ସାବଲେଙ୍କା ଏବଂ ଜେସିକା ପେଗୁଲା ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

# ବିହାର ଫ୍ଲଡ୍

ବିହାରରେ ବନ୍ୟା ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଛି । ବିଶେଷ କରି ଗଙ୍ଗା, ଗଣ୍ଡକ, କୋଷି, ସୋନ୍, ପୁନ୍‌ପୁନ୍ ସମେତ ଅନ୍ୟାନ୍ୟ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇଥିବା ବେଳେ ଅନ୍ୟ କେତେକ ନଦୀର ଜଳସ୍ତର ଆଜି ଅପରାହ୍ଣ ସୁଦ୍ଧା ଅପରିବର୍ତ୍ତିତ ରହିଛି । ରାଜ୍ୟର ପାଟନା, ସରନ, ବୈଶାଳୀ, ବେଗୁସରାଇ, ଖାଗାରିଆ, ସମସ୍ତିପୁର, ଜେହେନାବାଦ୍ ଏବଂ ଆରୁଆଲ୍ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ

ରିଲିଫ୍ ଯୋଗାଣ ଜାରି ରହିଛି । ଅନ୍ୟ ପକ୍ଷରେ ପାଟନା-ଗୟା ରେଳ ସେକ୍ସନ୍‌ରେ ସୋନ୍ ନଦୀ ଜଳସ୍ତର ହ୍ରାସ ପାଇବା ପରେ ରେଳ ସେବା ପୁନର୍ବାର ଚାଲୁ ହୋଇଛି ବୋଲି ପୂର୍ବ କେନ୍ଦ୍ରୀୟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।